# ଓଡ଼ିଶା ସାହିତ୍ୟ ଏକାଡେମୀ ସମାଚାର

ODISHA SAHITYA AKADEMI SAMACHAR

39th Issue : October-December 2014


ସଂଖ୍ୟା ୩୯: ଅକ୍ଟୋବର-ଡିସେମ୍ବର ୨୦୧୪



## କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିକଟସ୍ଥ ଘସିପୁରାଠାରେ ଆଲୋଚନାଚକ୍ର ଓ କବିତା ପାଠ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିକଟସ୍ଥ ଝାଡ଼େଶ୍ୱର ଉଚ୍ଚ ବିଦ୍ୟାଳୟ ପରିସର,ଘସିପୁରାଠାରେ ଆଲୋଚନାଚକ୍ର ଓ ଜିଲ୍ଲାସ୍ତରୀୟ କବିତା ପାଠ ତା ୧୬.୧୧.୨୦୧୪ ରିଖରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଗୋସ୍ୱାମୀ ଗୋଲାମ ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମନ୍ତ୍ରୀ ଶ୍ରୀ ପାତ୍ର ନିଜ ମାଟିର ସମସ୍ୟା ଓ ଐତିହ୍ୟକୁ ପରିପ୍ରକାଶ କରିବାକୁ ସାହିତ୍ୟିକ ଓ କବିମାନଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦୁଝରର କବି ଓ ସାହିତ୍ୟିକମାନେ ନିଜର ଲେଖନୀ ମାଧ୍ୟମରେ ରାଜ୍ୟ ତଥା ଜାତୀୟ ସ୍ତରରେ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ତେବେ କବିତା ମାଧ୍ୟମରେ ଓଡ଼ିଶାର ଜନଜୀବନର ଅସଲ ଚିତ୍ର ପରିପ୍ରକାଶ ହୋଇପାରିଲେ ଏହା ସାର୍ଥକ ହୋଇ ପାରିବ ବୋଲି ମନ୍ତ୍ରୀ ପୁଣି ମତବ୍ୟକ୍ତ କରିଥିଲେ। ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଏହି ସମାରୋହର ଆୟୋଜନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପୂର୍ବାହ୍ନ ୧୧ ଘଣ୍ଟା ସମୟରେ 'ସାମ୍ପ୍ରତିକ କବିତାରେ ଜୀବନର ସ୍ୱର ଓ ସ୍ୱାକ୍ଷର' ବିଷୟକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ଡକ୍ଟର ପ୍ରେମାନନ୍ଦ ମହାପାତ୍ର ଓ ପ୍ରାବନ୍ଧିକ ଶ୍ରୀ ଶରତ ଚନ୍ଦ୍ର ମହାପାତ୍ର ସମ୍ମାନନୀୟ ଆଲୋଚକ ଭାବେ ଯୋଗଦାନ କରି ଉଚ୍ଚକୋଟୀର ସାହିତ୍ୟ ରଚନା ପାଇଁ ପରାମର୍ଶ ଦେଇଥିଲେ। ଏ ଅବସରରେ ପୁଷ୍ପମଞ୍ଜରୀ କରଙ୍କ କବିତା ପୁସ୍ତକ 'ଭିଜା ମାଟିର ବାସ୍ନା' ଓ ଡକ୍ଟର ରାମଚନ୍ଦ୍ର ନାୟକଙ୍କ 'ଚିକିକୁ ନ କର ହେଳା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ମଧ୍ୟାହ୍ନ ୧୨ ଘଣ୍ଟାରେ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ କବିତା ପାଠ ଆୟୋଜିତ ହୋଇଥିଲା। ଏଥିରେ ଆନନ୍ଦପୁର ଉପଖଣ୍ଡ ପୁଲିସ ଅଧିକାରୀ ବିକାଶ ଚନ୍ଦ୍ର ଦାଶ ପୌରୋହିତ୍ୟ କରିଥିଲେ। ସାହିତ୍ୟିକ ଡକ୍ଟର ବିଦ୍ୟାଧର ବେହେରା ଓ ଶ୍ରୀ ନିରଞ୍ଜନ ନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। କବିତା ପାଠକୁ ଶ୍ରୀ ଚିନ୍ତାମଣି ମହାଳିକ, ଶ୍ରୀ ଅଶୋକ କୁମାର ପୁହାଣ ଓ ଶ୍ରୀମତୀ ପୁଷ୍ପମଞ୍ଜରୀ କର ସଂଯୋଜନା କରିଥିଲେ। କବି ବାଳକୃଷ୍ଣ ରାଉତ, ରକ୍ଷାକର ଦାସ, ସୁଧାଦାସ, ହଳଧର ସୂତାର, ବିଦ୍ୟୁତ୍‌ପ୍ରଭା ଦେଓ, ମାଳତୀ ପଣ୍ଡା, ନାରାୟଣ ସାହୁ, ସରୋଜ ସାହୁ, ଡକ୍ଟର ଚିତ୍ତ ମିଶ୍ର ପ୍ରମୁଖ ପଚାଶରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ।

## ଲୋକରତ୍ନ କୁଞ୍ଜବିହାରୀ ଦାଶ ରାଜ୍ୟସ୍ତରୀୟ ଜନ୍ମଶତବାର୍ଷିକୀ ଉତ୍ସବ






ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଲୋକରତ୍ନ କୁଞ୍ଜବିହାରୀ ଦାଶ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକଦିବସୀୟ ଆଲୋଚନାଚକ୍ର ଭୁବନେଶ୍ୱରସ୍ଥ ପାନ୍ଥନିବାସ କଳିଙ୍ଗ ସଭାକକ୍ଷଠାରେ ତା ୨୧.୧୨.୧୪ ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡକ୍ଟର ନିତ୍ୟାନନ୍ଦ ଶତପଥୀ ଯୋଗଦାନ କରି କହିଲେ କୁଞ୍ଜବିହାରୀ କବିତା ଲେଖାରୁ ନିଜର ସାହିତ୍ୟିକ ଜୀବନ ଆରମ୍ଭ କରିଥିଲେ ମଧ୍ୟ ପରବର୍ତ୍ତୀ କାଳରେ ଗଳ୍ପ, ଉପନ୍ୟାସ, ଶିଶୁ ଉପଯୋଗୀ ପୁସ୍ତକ ଓ ଭ୍ରମଣ କାହାଣୀ ରଚନା କରି ଓଡ଼ିଆ ବାଣୀଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରି ଯାଇଛନ୍ତି। ବିଶିଷ୍ଟ ଅତିଥି ଭାବେ ଡକ୍ଟର ନିଳାଦ୍ରୀ ଭୂଷଣ ହରିଚନ୍ଦନ ଓ ସମ୍ମାନନୀୟ ଅତିଥି ଭାବେ ଡକ୍ଟର ଅର୍ଚ୍ଚନା ନାୟକ ଏହି (୨ୟ ପୃଷ୍ଠା ଦେଖନ୍ତୁ)

# ସାଲେପୁରଠାରେ ଜିଲ୍ଲାସ୍ତରୀୟ ସୃଜନ ସମାରୋହ




ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ସାରସ୍ୱତ ସମାରୋହ ସମିତିର ସହଯୋଗରେ କଟକ ଜିଲ୍ଲାର ସାଲେପୁରସ୍ଥ ଶାରଳା ମଣ୍ଡପଠାରେ ତା ୧୪.୧୨.୧୪ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଜିଲ୍ଲାସ୍ତରୀୟ ସୃଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହର ପ୍ରଥମ ଅଧିବେଶନ ଉକ୍ତଦିନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଆରମ୍ଭ ହୋଇଥିଲା। ଏଥିରେ 'ଓଡ଼ିଆ ସାହିତ୍ୟ ବିକାଶରେ ସାହିତ୍ୟ ସଙ୍ଗଠନର ଭୂମିକା' ବିଷୟରେ ଆଲୋଚନା କରାଯାଇଥିଲା। ଓଡ଼ିଶା ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ବୋର୍ଡ଼ ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି ଉଦ୍‌ଘାଟକ ଭାବେ ଯୋଗଦାନ କରି ଓଡ଼ିଆ ଭାଷା ବଞ୍ଚିବା ପାଇଁ ସାହିତ୍ୟର ଯଥେଷ୍ଟ ଗୁରୁତ୍ୱ ରହିଛି ବୋଲି କହିଥିଲେ। ସ୍ୱନାମଧନ୍ୟ କବୀ ଡକ୍ଟର ପ୍ରତିଭା ଶତପଥୀ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଗ୍ରାମାଞ୍ଚଳରେ ପାଠାଗାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଡକ୍ଟର ଶତପଥୀ କହିଲେ ସାହିତ୍ୟ ସଙ୍ଗଠନଗୁଡ଼ିକ ପତ୍ର-ପତ୍ରିକାକୁ ପାଠକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବା ଆବଶ୍ୟକ। ଏହି ସମାରୋହରେ ନାଟ୍ୟକାର ଡକ୍ଟର ବିଜୟ କୁମାର ଶତପଥୀ ମୁଖ୍ୟବକ୍ତା, ସାଲେପୁର ସାରସ୍ୱତ ସମାରୋହ ସମିତିର ସଭାପତି ଶ୍ରୀ ଅକ୍ଷୟ କୁମାର ଦାଶ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାରୋହର ଦ୍ୱିତୀୟ ଅଧିବେଶନ ଅପରାହ୍ନ ୧୨.୩୦ ଘଣ୍ଟାରେ ଆରମ୍ଭ ହୋଇଥିଲା। ଏଥିରେ ଆମନ୍ତ୍ରିତ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତାଗୁଡ଼ିକୁ ପାଠ କରାଯାଇଥିଲା। ବିଶିଷ୍ଟ କବି ତଥା ସୁସାହିତ୍ୟିକ ଶ୍ରୀ ସଦାଶିବ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠ ଉତ୍ସବରେ ରାଜସ୍ୱ ବିଭାଗ ଉପଶାସନ ସଚିବ କବି ଶ୍ରୀ ଅଭୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କବିତାର ହୃଦୟ ରହିଛି ବୋଲି କହିଥିଲେ। ସାଲେପୁର ସାରସ୍ୱତ ସମାରୋହ ସମିତିର ସମ୍ପାଦକ ଶ୍ରୀ ବିଷ୍ଣୁଚରଣ ମିଶ୍ର ଓ କବୟିତ୍ରୀ ଜ୍ୟୋତିର୍ମୟୀଙ୍କ ସଂଯୋଜନାରେ କବିତା ପାଠକରାଯାଇଥିଲା। ଏଥିରେ କବି ପ୍ରସନ୍ନ ମିଶ୍ର, ତ୍ରିଲୋଚନ ମହାକୁଳ, ରାଜୀବ ଷଡ଼ଙ୍ଗୀ, ବୀଣାପାଣି ମହାନ୍ତି, ବିଶେଶ୍ୱର ମହାନ୍ତି, ରାଧାନାଥ ରଥ, ପ୍ରଫୁଲ୍ଲ ସାହୁ, ଦୟାନିଧି ସାହୁ, ସରୋଜିନୀ ଦେବୀ, ଡକ୍ଟର ଜୟଶ୍ରୀ ନନ୍ଦ, ବ୍ରହ୍ମାନନ୍ଦ ବିଶ୍ୱାଳଙ୍କ ସମେତ ବହୁକବି ଯୋଗଦାନ କରିଥିଲେ। ସହଯୋଗୀ ଅନୁଷ୍ଠାନ ପକ୍ଷରୁ ମାନସ କୁମାର ଦାଶ, ଦେବେନ୍ଦ୍ର ନାୟକ, ଅଧ୍ୟାପକ ବିରଞ୍ଚି ନାରାୟଣ ପଣ୍ଡା, ଶିଶିର କୁମାର ପଣ୍ଡା, ଚନ୍ଦ୍ରମଣି ଭୂୟାଁ, ଡକ୍ଟର ଲକ୍ଷ୍ମଣ ଦାଶ, ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝା, ଶାନ୍ତି ସ୍ୱାଇଁ, ତପନ ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ କବି ବୀରକିଶୋର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜାତୀୟ କବି ବୀର କିଶୋର ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ତା ୨୩.୧୧.୧୪ ରିଖ ସନ୍ଧ୍ୟା ୬.୦୦ ଘଣ୍ଟା ସମୟରେ ଜାତୀୟ କବି ବୀରକିଶୋର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଜଗତସିଂହପୁର ଜିଲ୍ଲା ପୁନଙ୍ଗ ଗ୍ରାମପଞ୍ଚାୟତସ୍ଥ ଚାରିପୋଲିଆ ଛକ ଜାତୀୟକବି ବୀରକିଶୋର ଉଦ୍ୟାନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଶ୍ରୀ ଉମାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ଦୋଳଗୋବିନ୍ଦ ପ୍ରଧାନ ମୁଖ୍ୟଅତିଥି, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ବିଧାୟକ ଶ୍ରୀ ପ୍ରିୟନାଥ ଦେ ବିଶିଷ୍ଟ ଅତିଥି, ଶ୍ରୀ ଅଜୟ କୁମାର ବେହେରା ମୁଖ୍ୟବକ୍ତା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ଦେବୀ ଦତ୍ତ ମହାନ୍ତି ଓ ପୁନଙ୍ଗ ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀମତୀ ବାଳା ଦେଈ ସମ୍ମାନନୀୟ ଅତିଥିଭାବେ ଯୋଗଦାନ କରି କହିଲେ, ଦେଶର ସ୍ୱାଧୀନତା ସଂଗ୍ରାମରେ ଇଂରେଜ ସରକାରଙ୍କ ବିରୋଧରେ ବିପ୍ଳବ କରିବାକୁ ଜାତି ପ୍ରାଣରେ ଜାତୀୟତାବୋଧର ସ୍ପନ୍ଦନ ସୃଷ୍ଟି ନିମନ୍ତେ ବୀର କିଶୋର ଅଗ୍ନିବର୍ଷୀ କବିତାମାନ ରଚନା କରିଥିଲେ। ଏହି କବିତାଗୁଡ଼ିକ ସେ ସମୟରେ ଜନମାନସରେ ଗଭୀର ଆଲୋଡ଼ନ ସୃଷ୍ଟି କରିପାରିଥିଲା। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସୁଦର୍ଶନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପିନାକୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକରତ୍ନ କୁଞ୍ଜବିହାରୀ ଦାଶ...

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

କାର୍ଯ୍ୟକ୍ରମରେ ଯୋଗଦାନ କରି କୁଞ୍ଜବିହାରୀଙ୍କ ସାହିତ୍ୟ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଡକ୍ଟର ରୁଦ୍ରାଣୀ ମହାନ୍ତି ଏ ଅବସରରେ କୁଞ୍ଜବିହାରୀଙ୍କ ସାରସ୍ୱତ କୃତି ଓ ଜୀବନୀ ବିଷୟକ ଏକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡକ୍ଟର ବସନ୍ତ କୁମାର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରି କୁଞ୍ଜବିହାରୀଙ୍କ ଓଡ଼ିଆ ଲୋକଗୀତ ଓ ଲୋକ କାହାଣୀ ଓଡ଼ିଆ ଜନଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି ବୋଲି କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶିଶୁଅନନ୍ତ ଟ୍ରଷ୍ଟଙ୍କ ମିଳିତ ସହଯୋଗରେ ସିଦ୍ଧସାଧକ ଶିଶୁଅନନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୫.୧୨.୧୪ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜୟଦେବ ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀ ଶଶିଭୂଷଣ ବେହେରା ଉଦ୍‌ଘାଟକ, ଡକ୍ଟର ରତ୍ନାକର ଚଇନି ମୁଖ୍ୟଅତିଥି, ଶ୍ରୀ ରାଜକିଶୋର ମିଶ୍ର ମୁଖ୍ୟବକ୍ତା, ଶିଶୁ ଅନନ୍ତ ଟ୍ରଷ୍ଟର ସଭାପତି ଶ୍ରୀ କାଳୀପ୍ରସାଦ ସାମନ୍ତରାୟ ଓ ଟ୍ରଷ୍ଟି ଶ୍ରୀମତୀ ତନୟା ଦାସ ଗୋସ୍ୱାମୀ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରିଥିଲେ। ଉତ୍ସବକୁ ଉଦ୍‌ଘାଟନ କରି ମାନ୍ୟବର ବିଧାୟକ ଶଶିଭୂଷଣ ବେହେରା କହିଲେ ଶିଶୁ ଅନନ୍ତ ଦାସଙ୍କ ସାହିତ୍ୟ କୃତି ଉପରେ ଅଧିକ ଗବେଷଣା କରାଯିବା ଆବଶ୍ୟକ । ମୁଖ୍ୟଅତିଥି ବିଶିଷ୍ଟ ସାହିତ୍ୟିକ ଡକ୍ଟର ରତ୍ନାକର ଚଇନି ପଞ୍ଚସଖାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାର ରାଜନୈତିକ ଅସ୍ଥିରତାକୁ ପଞ୍ଚସଖା ଯୁଗର ସାହିତ୍ୟ ସ୍ରଷ୍ଟାମାନେ ବେଶ୍ ହୃଦୟଙ୍ଗମ କରି ପାରିଥିଲେ। ସେତେବେଳେ ସମାଜର ଜାତି ପ୍ରଥା, ସାଂସ୍କୃତିକ ଅବକ୍ଷୟ ଓ ରାଜନୈତିକ ଅରାଜକତା ଆଦି ବିରୋଧରେ କବିଙ୍କ 'ଲକ୍ଷ୍ମୀପୁରାଣ', 'ଭାଗବତ' 'ମାଳିକା' ଓ ହେତୁ ଉଦୟ ଭାଗବତ ଆଦି ସଫଳ ସୃଷ୍ଟି ବୋଲି ଡକ୍ଟର ଚଇନି ମତବ୍ୟକ୍ତ କରିଥିଲେ। ସେ ପୁଣି କହିଲେ ଯେ, ପଞ୍ଚସଖା କବିମାନେ ଜଗନ୍ନାଥଙ୍କୁ ଓଡ଼ିଶାର ମୁଖ୍ୟ ଦେବତା ଭାବେ ଗ୍ରହଣ କରି ଓଡ଼ିଆର ଜାତୀୟତା ଭାବ ସୃଷ୍ଟି କରିବାକୁ ପ୍ରୟାସ କରିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ପ୍ରାବନ୍ଧିକ ରାଜକିଶୋର ମିଶ୍ର ଓଡ଼ିଆ ଭାଷାକୁ ସମୃଦ୍ଧ କରିବାରେ ପଞ୍ଚସଖା ଯୁଗର କବିମାନଙ୍କ ଅବଦାନ ଉଲ୍ଲେଖନୀୟ ବୋଲି ବର୍ଣ୍ଣନା କରିଥିଲେ। ସିଦ୍ଧ ସାଧକ ଶିଶୁଅନନ୍ତ ଦାସଙ୍କ ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଆଜି ବି ନିଜର ଗୁରୁତ୍ୱ ହରାଇ ନାହିଁ। ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ପ୍ରତିରୂପ ନିଜ ଶରୀର ମଧ୍ୟରେ ପିଣ୍ଡ ଆକାରରେ ରହିଥାଏ ବୋଲି ଶିଶୁଅନନ୍ତ ଦାସଙ୍କ ଦର୍ଶନ ଥିଲା। ତେବେ ଶିଶୁ ଅନନ୍ତ ଦାସଙ୍କ ଉପରେ ଏକ ଶୁଦ୍ଧ ଗ୍ରନ୍ଥାବଳୀ ଏକାଡେମୀ ପକ୍ଷରୁ ପ୍ରସ୍ତୁତ କରାଯିବାକୁ ଶ୍ରୀ ମିଶ୍ର ଆହ୍ୱାନ କରିଥିଲେ।

ପ୍ରାରମ୍ଭରେ ଶିଶୁ ଅନନ୍ତ ଟ୍ରଷ୍ଟର ସମ୍ପାଦିକା ଶ୍ରୀମତୀ ତନୟଦାସ ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଏହି ସଭାରେ ଯୋଗଦାନ କରି ଶିଶୁଅନନ୍ତଙ୍କ କାବ୍ୟିକ ସୃଷ୍ଟି ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଶିଶୁ ଅନନ୍ତ ଟ୍ରଷ୍ଟ ପକ୍ଷରୁ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଗନ୍ନାଥ ଗବେଷକ ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ଓ ଡକ୍ଟର ରତ୍ନକାର ଚଇନି ଏବଂ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଏକାଡେମୀ ପକ୍ଷରୁ ପ୍ରଯୋଜନା ଅଧିକାରୀ ଶ୍ରୀ ରବିନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧସାଧକ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଶ୍ରୀ ଯଶୋବନ୍ତ ସାଂସ୍କୃତିକ ବିକାଶ କଳା ଅନୁଷ୍ଠାନଙ୍କ ମିଳିତ ଆନୁକୂଲ୍ୟରେ ସିଦ୍ଧସାଧକ ଯଶୋବନ୍ତ ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଓଢ଼ଣ ଷଷ୍ଠୀ ତିଥି ତା ୨୮.୧୧.୧୪ରିଖ ସନ୍ଧ୍ୟା ୭ ଘଟିକା ସମୟରେ ଜଗତସିଂହପୁର ଜିଲ୍ଲାସ୍ଥ ଅଢ଼ଙ୍ଗ ନାଇଲୋ ଗ୍ରାମରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲର ମାନ୍ୟବର ବିଧାୟିକା ଶ୍ରୀମତୀ ରାଜଶ୍ରୀ ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ସ୍ୱାମୀ ଅରୂପାନନ୍ଦ ମୁଖ୍ୟଅତିଥି, ପ୍ରବଚକ ଯୋଗେନ୍ଦ୍ରନାଥ ମାର୍ଥା ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ, ଯଶୋବନ୍ତଙ୍କ ଆଧ୍ୟାତ୍ମିକ ରଚନାଗୁଡ଼ିକ ଓଡ଼ିଆ ଭାଷା ସାହିତ୍ୟକୁ ଅଧିକ ପରିପୁଷ୍ଟ କରିଛି। ତାଙ୍କର ରଚନାଗୁଡ଼ିକ ମଧ୍ୟରୁ 'ଟୀକା ଗୋବିନ୍ଦଚନ୍ଦ୍ର' ନାମକ ଗାଥାକାବ୍ୟ ଓଡ଼ିଶାର ପୁରପଲ୍ଲୀରେ ବହୁ ଜନପ୍ରିୟ ହୋଇପାରିଛି। ଏହି 'ଟୀକା'କୁ ଓଡ଼ିଶାର ନାଟ୍ୟ ସମ୍ପ୍ରଦାୟର ଯୋଗୀମାନେ କେନ୍ଦରାର ସ୍ୱର ତାଳ ସହିତ ଗାୟନ କରିଥାନ୍ତି। ସେମାନେ ପୁଣି କହିଲେ ଏହି ମହାନ୍ ବୈଷ୍ଣବ କବିଙ୍କ ପ୍ରତ୍ୟେକ ରଚନା ଶ୍ରୀଜଗନ୍ନାଥଙ୍କ ମହିମାରେ ପରିପୂର୍ଣ୍ଣତା ଲାଭ କରିଛି। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଶ୍ରୀ ପ୍ରଶାନ୍ତ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଶେଷରେ ଏକାଡେମୀ ପକ୍ଷରୁ ପ୍ରଯୋଜନା ଅଧିକାରୀ ଶ୍ରୀ ରବିନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଭ୍ରମରବର ରାୟ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବି ସମ୍ମିଳନୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭ୍ରମରବର ରାୟଙ୍କ ଜୟନ୍ତୀ ଓ ଜିଲ୍ଲାସ୍ତରୀୟ କବି ସମ୍ମିଳନୀ ଜଗତସିଂହପୁରସ୍ଥ ନିମାଇଁ ଭବନ(ଟାଉନ୍‌ହଲ) ଠାରେ ତା ୧.୧୧.୧୪ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଦସ୍ୟ ଡକ୍ଟର ଅରବିନ୍ଦ ରାୟଙ୍କ ପୌରୋହିତ୍ୟରେ ଉକ୍ତ ଦିନ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଭ୍ରମରବର ରାୟଙ୍କ ଜୟନ୍ତୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର ଦୀନବନ୍ଧୁ ଦାସ ଓ ଜ୍ଞାନପ୍ରିୟ କାନୁନ୍‌ଗୋ ସମ୍ମାନନୀୟ ଅତିଥି ଏବଂ ଡକ୍ଟର ମୃତ୍ୟୁଞ୍ଜୟ ରଥ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ଭ୍ରମରବରଙ୍କ ରଚିତ ଜଣାଣ,ଭଜନ, ଛାନ୍ଦ, ଚଉପଦୀ ଓ ଚଉତିଶା ଆଦି ଓଡ଼ିଆ ବାଣୀଭଣ୍ଡାରକୁ ବହୁ ଭାବରେ ସମୃଦ୍ଧ କରିଛି ବୋଲି କହିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉକ୍ତ ଦିନ ମଧ୍ୟାହ୍ନ ୧୨ ଘଟିକା ସମୟରେ ଜିଲ୍ଲାସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଶ୍ରୀ ଉମାକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କବି ସମ୍ମିଳନୀରେ ଡକ୍ଟର ସୁଧାକର ଦାସ ଓ ରମାକାନ୍ତ ଜେନା ସମ୍ମାନନୀୟ ଅତିଥି, ଶ୍ରୀ ରତ୍ନାକର ଦାସ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଏଥିରେ ୫୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂସ୍କୃତି ବିଭାଗ ପକ୍ଷରୁ ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅନ୍ତର୍ଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୩୦.୧୧.୧୪ ରିଖରେ ପଣ୍ଡିତ ବିପିନ ବିହାରୀ ମିଶ୍ର ଓ ତା ୨୮.୧୨.୧୪ ରିଖରେ ଶ୍ରୀ ନିତ୍ୟାନନ୍ଦ ମିଶ୍ର ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ କବିତାପାଠ ଓ 'ତପସ୍ୱିନୀ' ଉପରେ ଆଲୋଚନାଚକ୍ର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ମେହେର କ୍ଲବ, ଗଙ୍ଗାଧର ସାହିତ୍ୟ ପରିଷଦ ଓ ଗଙ୍ଗାଧର କଳା ପରିଷଦଙ୍କ ସହଯୋଗରେ ବରପାଲିସ୍ଥ ଗଙ୍ଗାଧର କଲ୍ୟାଣମଣ୍ଡପଠାରେ ତା ୩୦.୧୨.୧୪ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଜିଲ୍ଲାସ୍ତରୀୟ କବିତା ପାଠ ଓ ସନ୍ଧ୍ୟା ୬ ଘଟିକା ସମୟରେ ତପସ୍ୱିନୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ର କାର୍ଯ୍ୟକ୍ରମ ତା ୩୦.୧୨.୧୪ ରିଖଠାରୁ ତା ୫.୧.୧୫ରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟା ୬ ଘଟିକାରେ ଏକସପ୍ତାହ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଘନଶ୍ୟାମ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ତା ୩୦.୧୨.୧୪ ରିଖ ପୂର୍ବାହ୍ନ ୧୦.୩୦ ଘଟିକା ସମୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କବିତା ପାଠ ଉତ୍ସବରେ ମୁଖ୍ୟଅତିଥି ଭାବରେ ଶ୍ରୀ କୁବେର ପୁରୋହିତ, ସମ୍ମାନନୀୟ ସମୀକ୍ଷକ ଭାବେ ଡକ୍ଟର ପ୍ରମୋଦ କୁମାର ପାଢ଼ୀ ଯୋଗଦାନ କରିଥିଲେ। ଏହି କବିତା ପାଠ କାର୍ଯ୍ୟକ୍ରମକୁ ଡକ୍ଟର ଶୁକମୁନୀ ମେହେର ଓ ଡକ୍ଟର ସୁଶୀଲ ବାଗ ସଂଯୋଜନା କରିଥିଲେ। ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଏହି କବିତା ପାଠ କାର୍ଯ୍ୟକ୍ରମକୁ ସାହିତ୍ୟପ୍ରେମୀ ସୁଧୀ ବୃନ୍ଦ ତଥା କବିମାନଙ୍କୁ ସ୍ୱାଗତ କରିଥିଲେ। ସନ୍ଧ୍ୟା ୬ ଘଟିକାରେ ଗଙ୍ଗାଧରଙ୍କ 'ତପସ୍ୱିନୀ' କାବ୍ୟ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ସୁବଳ ସାହୁ ଯୋଗଦାନ କରିଥିଲେ । ଡକ୍ଟର କୃଷ୍ଣ କେଶବ ଷଡ଼ଙ୍ଗୀ ଏଥିରେ ଆଲୋଚକଭାବେ ଯୋଗଦାନ କରିଥିଲେ। କଣ୍ଠଶିଳ୍ପୀ ବୀରେନ୍ଦ୍ର ନାଗ୍ ଓ ସାଥୀମାନଙ୍କ ଦ୍ୱାରା ଏହି ଉତ୍ସବରେ ସଙ୍ଗୀତ ପରିବେଷଣ କରାଯାଇଥିଲା। ସେହିପରି ତା ୩୧.୧୨.୧୪ ରିଖରୁ ତା ୫.୧.୧୫ ରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ 'ତପସ୍ୱିନୀ' ସମ୍ବନ୍ଧିତ ଆଲୋଚନାଚକ୍ର ସ୍ଥାନୀୟ ସହଯୋଗୀ ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ତା ୫.୧.୧୫ ରିଖ ସନ୍ଧ୍ୟା ୬ ଘଟିକାରେ ଗଙ୍ଗାଧର କଲ୍ୟାଣ ମଣ୍ଡପ ପରିସରରେ ଏକାଡେମୀ ପକ୍ଷରୁ ଆୟୋଜିତ ସପ୍ତାହ ବ୍ୟାପୀ ତପସ୍ୱିନୀ ଆଲୋଚନାଚକ୍ରର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଫେସର ଅଶୋକ କୁମାର ଦାସ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ସ୍ୱଭାବକବି ଗଙ୍ଗାଧର ମେହେର ଲେଖନୀ ଧରିବା ପୂର୍ବରୁ ମର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କ ଉପରେ ଅନେକ କାବ୍ୟ ରଚିତ ହୋଇଥିଲା। ଗଙ୍ଗାଧର ଏହି ପରମ୍ପରାକୁ ଅନୁସରଣ ନକରି ସୀତା ଚରିତ ରଚନା କରି ତାଙ୍କ ପ୍ରତିଭାର ପରିଚୟ ଦେଇ ଯାଇଛନ୍ତି। ମୁଖ୍ୟଅତିଥି ଏନ.ଏ.ସି ଉପାଧ୍ୟକ୍ଷ ଶ୍ରୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କରି ଏପରି ଆୟୋଜନକୁ ସ୍ୱାଗତ କରିବା ଓ ପୁଣି ଏପରି ଉତ୍ସବ ଆୟୋଜନ ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଏକାଡେମୀର ସଦସ୍ୟ ଡକ୍ଟର ଘନଶ୍ୟାମ ପାଣିଗ୍ରାହୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଏକାଡେମୀ ସଦସ୍ୟ ଡକ୍ଟର ଶୁକମୁନୀ ମେହେର ଏହି କାର୍ଯ୍ୟକ୍ରମରେ ଅତିଥି ପରିଚୟ ପ୍ରଦାନ କରିଥିଲେ।

## କଳାହାଣ୍ଡି ଜିଲ୍ଲାରେ 'କଥାଘର'କାର୍ଯ୍ୟକ୍ରମ

ଓଡ଼ିଶା ସାହିତ୍ୟ ଏକାଡେମୀର 'କଥାଘର' କାର୍ଯ୍ୟକ୍ରମ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସରକାରୀ ହାଇସ୍କୁଲ ପରିସରରେ ତା ୧୭.୧୧.୧୪ରିଖରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦେବରାଜ ଗହିରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ ସକିତ ରତେ, ଗଳ୍ପିକ ସୁକାନ୍ତ ସାହୁ, କବି କିରଣ ସେନାପତି, ସାମ୍ବାଦିକ ଦେବେନ୍ଦ୍ର ବିଶି ପ୍ରମୁଖ ଯୋଗ ଦେଇଥିଲେ। ଧନ୍ୟବାଦ ଦେଇଥିଲେ ମନୋରଞ୍ଜନ ପାଣିଗ୍ରାହୀ । ଏହାଛଡ଼ା ମଥୁରା ରାଧାକାନ୍ତ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀପ୍ରସାଦ ମେହେର ଓ କୁଟୁଖମାରରେ ପ୍ରଧାନ ଶିକ୍ଷକ ପାର୍ଥିବ ଖଡ଼ିକାରଙ୍କ ଅଧ୍ୟକ୍ଷତାରେ ମଧ୍ୟ 'କଥାଘର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

# ଜ୍ୟୋତିର୍ବିଦ ମହାମହୋପାଧ୍ୟାୟ ଚନ୍ଦ୍ର ଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଠାଣି ସାମନ୍ତ ମେମୋରିଆଲ ପରିଷଦ, ଖଣ୍ଡପଡ଼ାଙ୍କ ମିଳିତ ଆନୁକୂଲ୍ୟରେ ଉତ୍କଳର ବରପୁତ୍ର ପ୍ରଖ୍ୟାତ ନଭୋବିଜ୍ଞାନୀ ଜ୍ୟୋର୍ତିବିଦ୍ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତଙ୍କ ୧୮୦ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୧୨.୧୪ ରିଖ ଅପରାହ୍ନ ୪ ଘଟିକା ସମୟରେ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ାସ୍ଥିତ ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ପଠାଣି ସାମନ୍ତ ମେମୋରିଆଲ ପରିଷଦର ସଭାପତି ତଥା ସ୍ଥାନୀୟ ମାନ୍ୟବର ବିଧାୟକ ଶ୍ରୀ ଅନୁଭବ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ସାଧାରଣ ଅଭିଯୋଗ ଓ ପେନ୍‌ସନ ବିଭାଗ ମାନ୍ୟବର ମନ୍ତ୍ରୀ, ଶ୍ରୀ ଯୋଗେନ୍ଦ୍ର ବେହେରା ମୁଖ୍ୟଅତିଥି, ଶ୍ରୀ ରଜତ କୁମାର କର ମୁଖ୍ୟବକ୍ତା ଓ ସ୍ତମ୍ଭକାର ଶ୍ରୀ ଗିରିଜା ଶଙ୍କର ତରାସିଆ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରି ପଠାଣି ସାମନ୍ତଙ୍କ ଦ୍ୱାରା ରଚିତ "ସିଦ୍ଧାନ୍ତ ଦର୍ପଣ ଗ୍ରନ୍ଥରେ ଲେଖାଥିବା ଜ୍ୟୋର୍ତିବିଜ୍ଞାନ ଆଧାରିତ ସମସ୍ତ ତଥ୍ୟ ବିଷୟ ଗବେଷଣା ପର୍ଯ୍ୟାୟଭୁକ୍ତ କରିବାକୁ ମତବ୍ୟକ୍ତ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ କୁସୁପୁରସ୍ଥ ନନ୍ଦକିଶୋର ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ତା ୨୨.୧୨.୧୪ ରିଖ ଅପରାହ୍ଣ ୩.୦୦ ଘଟିକା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପରିଷଦ ସଦସ୍ୟ ଡକ୍ଟର ଜୟରାମ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାହାଙ୍ଗା ପଞ୍ଚାୟତ ସମିତି ଅଧକ୍ଷ ଶ୍ରୀ ଭିକାରୀ ଚରଣ ସ୍ୱାଇଁ ଓ ବରିଷ୍ଠ ସାମ୍ବାଦିକ ଶ୍ରୀ ସୁମନ୍ତ କୁମାର ଜେନା ସମ୍ମାନନୀୟ ଅତିଥି, ସାହିତ୍ୟିକ ଶ୍ରୀ ତରୁଣ କୁମାର ସାହୁ ମୁଖ୍ୟବକ୍ତା ଏବଂ ଶ୍ରୀ ବିଜୟ ମଲ୍ଲ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ନନ୍ଦକିଶୋରଙ୍କ ସାହିତ୍ୟିକ ଜୀବନ ଉପରେ ଆଲୋକପାତ କରିଥିଲେ । ଓଡ଼ିଶାର ପୁରପଲ୍ଲୀର ନୈସର୍ଗିକ ଶୋଭାରାଜି ଓ ପଲ୍ଲୀ ପ୍ରକୃତିକୁ ଆଧାର କରି ନନ୍ଦକିଶୋର ସୃଷ୍ଟି କରିଯାଇଥିବା ଶିଶୁ ଉପଯୋଗୀ ସାହିତ୍ୟ ଓଡ଼ିଆ ବାଣୀ ଭଣ୍ଡାରକୁ ବହୁ ଭାବରେ ଋଦ୍ଧିମନ୍ତ କରିଛି ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସାରସ୍ୱତ ସାଧକ ଡକ୍ଟର ମାୟାଧର ମାନସିଂହଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୩.୧୧.୧୪ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ପୁରୀସ୍ଥ ଚନ୍ଦ୍ରଶେଖର ପାଠାଗାରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ଅର୍ଥସମିତି ସଦସ୍ୟ ଶ୍ରୀ ବୀରେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଫନୀ ମହାନ୍ତି ମୁଖ୍ୟଅତିଥି, ଏକାଡେମୀର କାର୍ଯ୍ୟକାରୀ ପରିଷଦ ସଦସ୍ୟ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟବକ୍ତା, ଶ୍ରୀ ତପନ ପଟ୍ଟନାୟକ ଓ ଡକ୍ଟର ପବିତ୍ରମୋହନ ଦାଶ ସମ୍ମାନନୀୟ ବକ୍ତା ଭାବେ ଯୋଗଦାନ କରିଥିଲେ । ମାୟାଧର ମାନସିଂହ ଏକଧାରରେ ଜଣେ ସଫଳ କବି, ପ୍ରାବନ୍ଧିକ ଓ ସମାଲୋଚକ ଥିଲେ । ତାଙ୍କର ପ୍ରତ୍ୟେକଟି କାବ୍ୟ ସୃଷ୍ଟି ପ୍ରକୃତି ଓ ମାନବିକ ପ୍ରେମ-ସୌନ୍ଦର୍ଯ୍ୟର ବର୍ଣ୍ଣାଢ଼୍ୟ ଅଭିବ୍ୟକ୍ତିରେ ପରିପୁଷ୍ଟ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ଉପସ୍ଥିତ ସୁଧୀଜନଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଏକାଡେମୀ ପକ୍ଷରୁ ଶ୍ରୀ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାହିତ୍ୟିକ ରଙ୍ଗାଧର ନାୟକଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ସାହିତ୍ୟିକ ରଙ୍ଗାଧର ନାୟକଙ୍କର ତା ୯.୧୦.୧୪ ରିଖରେ ପରଲୋକ ଘଟିଛି । ଶ୍ରୀ ନାୟକ ଯାଜପୁର ଜିଲ୍ଲାର ଟୋଲ୍‌କାନୀ ଗ୍ରାମରେ ୧୯୫୪ ମସିହା ଅକ୍ଟୋବର ମାସ ୨୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ବୟସ ହୋଇଥିଲା । ଓଡ଼ିଶା ସରକାରଙ୍କ ଶିକ୍ଷା ସେବାରେ ତାଙ୍କର କର୍ମମୟ ଜୀବନ ଆରମ୍ଭ କରି ବିଭିନ୍ନ କଲେଜରେ ଅଧ୍ୟାପକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପପରୀକ୍ଷା ନିୟନ୍ତ୍ରକ ଭାବେ କାର୍ଯ୍ୟ କରି ଶେଷରେ ପ୍ରାଧ୍ୟାପକ ପଦରୁ ଅବସର ଗ୍ରହଣ କରିଥିଲେ । ତାଙ୍କ ସାହିତ୍ୟ କୃତି ମଧ୍ୟରେ **ସମୀକ୍ଷା ତରଙ୍ଗ, ଓଡ଼ିଆ କାବ୍ୟ ପରମ୍ପରା** ପ୍ରଭୃତି ଉଲ୍ଲେଖନୀୟ । ମାସିକ ସାରସ୍ୱତ ପତ୍ରିକା **'ସାହିତ୍ୟ ସମାଚାର'**ର ପରିଚାଳନା ସମ୍ପାଦକ ଭାବେ ସେ ଓଡ଼ିଆ ସାହିତ୍ୟ ମହଲରେ ଯଶସ୍ୱୀ ହୋଇଥିଲେ । ତାଙ୍କର ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି ବୋଲି ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଓ ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ମତବ୍ୟକ୍ତ କରିଛନ୍ତି । ଏକାଡେମୀ ପକ୍ଷରୁ ଏଥିପାଇଁ ଏକ ଶୋକସଭା ଆୟୋଜନ କରାଯାଇ ଶ୍ରୀ ନାୟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ପଣ୍ଡିତ ଗୋଦାବରୀଶ ମିଶ୍ର ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶାଳିଆ ସାଂସ୍କୃତିକ ପରିଷଦଙ୍କ ସହଯୋଗରେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୨୬.୧୦.୧୪ ରିଖ ଅପରାହ୍ଣ ୪ ଘଟିକା ସମୟରେ ବାଣପୁରସ୍ଥ ନେହେରୁ ସେବା ସଂଘର କନକ ଭବନ ସଭାଗୃହରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଶାଳିଆ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଶ୍ରୀ ନୃସିଂହ ପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ଶ୍ରୀ ପ୍ରଦୀପ କୁମାର ରଥ ମୁଖ୍ୟଅତିଥି, ସରୋଜିନୀ ଦାସ ସମ୍ମାନନୀୟା ଅତିଥି, ଡକ୍ଟର ପ୍ରେମାନନ୍ଦ ମହାପାତ୍ର ମୁଖ୍ୟବକ୍ତା ଓ କଥାକାର ଶିବ ମିଶ୍ର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଓଡ଼ିଶାରେ ଶିକ୍ଷାର ପ୍ରସାର ପାଇଁ ଗୋଦାବରୀଶଙ୍କ ଉଦ୍ୟମ ଅତୀବ ପ୍ରଶଂସନୀୟ । ସେହିଭଳି ଓଡ଼ିଶା ବାହାରେ ସିଂହଭୂମି ଓ ଚକ୍ରଧରପୁର ଅଞ୍ଚଳରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ ସେ ଅନେକ ଉଚ୍ଚ ଓ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ରୋମାଣ୍ଟିକ ଭାବଧାରା ସମନ୍ୱିତ ତାଙ୍କ ରଚିତ ଗାଥା ଓ ଗୀତି କବିତାଗୁଡ଼ିକ ଓଡ଼ିଆ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ ଭାବେ ବିବେଚିତ ହୋଇଥାଏ । ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା । ଶେଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଲସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଦିନାଟ୍ୟକାର ଜଗନ୍ମୋହନ ଲାଲ ସ୍ମୃତି ଉତ୍ସବ

ଆଦି ନାଟ୍ୟକାର ସ୍ମୃତି ସଂସଦ ଓ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆଦିନାଟ୍ୟକାର ଜଗନ୍ମୋହନ ଲାଲଙ୍କ ୧୦୧ତମ ସ୍ମୃତି ଉତ୍ସବ ତା ୨୭.୧୨.୧୪ରିଖ ସନ୍ଧ୍ୟା ୬ ଘଟିକାରେ କଟକସ୍ଥ ଶ୍ରୀରାମଚନ୍ଦ୍ର ଭବନ କଟକଠାରେ ଅନୁଷ୍ଠିତ ହୋଇଯାଇଛି । ସାହିତ୍ୟିକ ସେକ୍ ମତଲୁବ ଅଲ୍ଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଡକ୍ଟର ରତ୍ନାକର ଚଇନି, ମୁଖ୍ୟବକ୍ତା ଭାବେ ଡକ୍ଟର ବିଜୟ କୁମାର ଶତପଥୀ ଯୋଗଦାନ କରି ଜଗନ୍‌ମୋହନ ଲାଲଙ୍କ ରଚିତ ବାବାଜୀ ଓ ସତୀ ନାଟକର ବିଷୟାତ୍ମକ ବିଶ୍ଳେଷଣ କରିଥିଲେ । ଏଥିରେ ବିଶିଷ୍ଟ ନାଟ୍ୟକାର ଡକ୍ଟର ନିଳାଦ୍ରୀ ଭୂଷଣ ହରିଚନ୍ଦନଙ୍କୁ ଚଳିତ ବର୍ଷର ଆଦିନାଟ୍ୟକାର ସମ୍ମାନରେ ଭୂଷିତ କରାଯାଇଥିଲା । ପ୍ରାରମ୍ଭରେ ଏକାଡେମୀର ସଦସ୍ୟ ଡକ୍ଟର ବିଜୟାନନ୍ଦ ସିଂହ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିବା ପ୍ରସଙ୍ଗରେ ଉପସ୍ଥିତ ସୁଧୀବୃନ୍ଦଙ୍କୁ ସ୍ୱାଗତ କରିଥିଲେ । ଶେଷରେ ଆଦି ନାଟ୍ୟକାର ସ୍ମୃତି ସଂସଦ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# ଡକ୍ଟର ଗୋପୀନାଥ ମହାନ୍ତି ଜନ୍ମଶତବାର୍ଷିକୀ ଉପଲକ୍ଷେ ଆଲୋଚନାଚକ୍ର

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଡକ୍ଟର ଗୋପୀନାଥ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଏକଦିବସୀୟ ଆଲୋଚନାଚକ୍ର କୋରାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ ଦକ୍ଷତା ବୃଦ୍ଧି କେନ୍ଦ୍ରଠାରେ ତା ୨୮.୧୨.୧୪ ରିଖରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଅଧିବେଶନରେ ଏକାଡେମୀର ସଦସ୍ୟ ଡକ୍ଟର ପ୍ରୀତିଧାରା ସାମଲଙ୍କ ପୌରୋହିତ୍ୟରେ ବିଶିଷ୍ଟ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ଶ୍ରୀ ରାଜକିଶୋର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଲେ ଫକୀରମୋହନଙ୍କ ପରେ ଯେତେବେଳେ ଆମେ ଗଦ୍ୟ ସାହିତ୍ୟକୁ ନିରୀକ୍ଷଣ କରୁ ସେତେବେଳେ ଆମ ସାହିତ୍ୟକୁ ଆସିଥାନ୍ତି ଗୋପୀନାଥ ମହାନ୍ତି। ସତ୍ୟର ସାମ୍ନା କରିବା ପାଇଁ କୋରାପୁଟର ମାଟି ଗୋପୀନାଥଙ୍କୁ ଉଦ୍‌ବୁଦ୍ଧ କରିଥିଲା ଯାହା ତାଙ୍କୁ ଆଜୀବନ ସାହିତ୍ୟ ସୃଷ୍ଟି ପାଇଁ ପ୍ରେରଣା ଯୋଗେଇଥିଲା। ଲେଖାରେ ବିଭିନ୍ନ ପ୍ରକାରର ପରୀକ୍ଷା ନିରୀକ୍ଷା କରିଛନ୍ତି ଗୋପୀନାଥ। ସଭାପତି ପଦରେ ଅନୁଷ୍ଠିତ ଏକାଡେମୀର ସଦସ୍ୟ ଡକ୍ଟର ପ୍ରୀତିଧାରା ସାମଲ ଏହି ଅବସରରେ କହିଲେ ଗୋପୀନାଥଙ୍କ ସ୍ମୃତିକୁ ସବୁବେଳେ ଉଜ୍ଜୀବିତ କରି ରଖିବା ପାଇଁ କୋରାପୁଟରେ ଗୋପୀନାଥ ରହୁଥିବା ଘରକୁ ସ୍ମାରକୀ ଓ କୋରାପୁଟର ଗୋଟିଏ ରାସ୍ତାକୁ ତାଙ୍କ ନାମରେ ନାମିତ କରିବା ନିମନ୍ତେ ପ୍ରସ୍ତାବ ରଖିଥିଲେ। ଉକ୍ତ ଦିନ ୧୨.୩୦ ଘଟିକାରେ "ଗୋପୀନାଥ ମହାନ୍ତି:ସୃଷ୍ଟି ଓ ସମୀକ୍ଷା" ବିଷୟକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶ୍ରୀ ସୁଶାନ୍ତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ସମ୍ମାନନୀୟ ପ୍ରାବନ୍ଧିକ ଓ ଆଲୋଚକଭାବେ ଶ୍ରୀ କୃଷ୍ଣ ସିଂହ, ଶ୍ରୀ ଉମାକାନ୍ତ ଦାଶ, ପ୍ରଫେସର ନାରାୟଣ ପଣ୍ଡା, ଡକ୍ଟର ଜଗବନ୍ଧୁ ସାମଲ ଓ ପ୍ରଫେସର ପ୍ରେମାନନ୍ଦ ଦାଶ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ଦାଶ କହିଲେ ଗୋପୀନାଥ ତାଙ୍କ ଆଲେଖ୍ୟରେ ମର୍ମବାଦୀ ଛବି ଆଙ୍କି ମହାନ୍ ଲେଖକ ଭାବରେ ପ୍ରସିଦ୍ଧି ଅର୍ଜନ କରିବା ସହିତ 'ପରଜା' ଉପନ୍ୟାସରେ ଶୋଷକ ଓ ଶୋଷିତର ପ୍ରାଞ୍ଜଳ ଛବି ସେ ଆଙ୍କି ପାରିଛନ୍ତି। 'ପରଜା ଓ 'ଦାଦିବୁଢ଼ା' ଉପନ୍ୟାସକୁ ନେଇ ଏକ ପ୍ରବନ୍ଧ ପ୍ରାବନ୍ଧିକ ଡକ୍ଟର ଜଗବନ୍ଧୁ ସାମଲ ପାଠ କରିଥିଲେ। ସେଥିରେ ସେ ଗୋପୀନାଥଙ୍କ ଲେଖାରେ ଆଦିବାସୀ ବିଶ୍ୱାସ, ପରମ୍ପରା ଓ ପ୍ରକୃତି ବର୍ଣ୍ଣନା ଉପରେ ଆଲୋକପାତ କରିଥିଲେ । ପ୍ରଫେସର ନାରାୟଣ ପଣ୍ଡା ଗୋପୀନାଥଙ୍କ ବିପୁଳ ସୃଷ୍ଟିର ବିଶଦ ବ୍ୟାଖ୍ୟା କରି ତାଙ୍କୁ ଓଡ଼ିଆ ଭାଷା ସାହିତ୍ୟର ବିଶିଷ୍ଟ ସ୍ରଷ୍ଟା ବୋଲି କହିଥିଲେ। ଶ୍ରୀ ଉମାକାନ୍ତ ଦାସ ଗୋପୀନାଥଙ୍କ ଉପନ୍ୟାସ ସମଗ୍ରର ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ କରି ଭୌଗୋଳିକ ସ୍ଥିତିର ବାସ୍ତବ ରୂପ ତାଙ୍କ ଲେଖାରେ ପ୍ରାଧାନ୍ୟ ଲାଭ କରିଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାବନ୍ଧିକ କୃଷ୍ଣ ସିଂହ ଗୋପୀନାଥଙ୍କ ସହ ବିତାଇଥିବା କେତେକ ଅନ୍ତରଙ୍ଗ ମୁହୂର୍ତ୍ତର ସ୍ମୃତି ଚାରଣ କରି ଗୋପୀନାଥ ସାରା ମାନବ ଜାତି ପାଇଁ ଏକ ମହାନ୍ ମୂଲ୍ୟବୋଧର ବାର୍ତ୍ତା ପ୍ରଦାନ କରି ଯାଇଛନ୍ତି ବୋଲି କହିଥିଲେ। ସର୍ବୋଦୟ ଆନ୍ଦୋଳନ ସହିତ ସେ ସଂଶ୍ଳିଷ୍ଟ ଥିଲେ। କୋରାପୁଟର ଜୀବନ୍ତ ଚରିତ୍ରମାନଙ୍କୁ ନେଇ ସେ ତାଙ୍କ ସୃଷ୍ଟି ସର୍ଜନା କରିଥିବାରୁ ତାଙ୍କ ଲେଖା କାଳଜୟୀ ହୋଇ ପାରିଛି ବୋଲି ସେ ପୁଣି କହିଥିଲେ। ଏକାଡେମୀ କାର୍ଯ୍ୟକାରୀ ସମିତି ସଦସ୍ୟ ଶ୍ରୀ ସୁଶାନ୍ତ କୁମାର ନାୟକ ଆଲୋଚନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ କୋରାପୁଟ ଜିଲ୍ଲା ସଦସ୍ୟ ପ୍ରୀତିଧାରା ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପ୍ରସଙ୍ଗରେ ଗୋପୀନାଥଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶେଷରେ ଏକାଡେମୀର ପ୍ରଯୋଜନା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜପତି ଜିଲ୍ଲାରେ ଓଡ଼ିଶା ସାହିତ୍ୟ ଏକାଡେମୀର କଥାଘର କାର୍ଯ୍ୟକ୍ରମ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗଜପତି ଜିଲ୍ଲାର ବିଦ୍ୟାଳୟସ୍ତରୀୟ 'କଥାଘର' କାର୍ଯ୍ୟକ୍ରମ ତା ୧୭.୧୧.୧୪ ଓ ୧୮.୧୧.୧୪ ରିଖ ଦୁଇଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଚାରିଗୋଟି ମାଧ୍ୟମିକ ବିଦ୍ୟାଳୟର ଅଷ୍ଟମରୁ ଦଶମ ଶ୍ରେଣୀର ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମ ସରକାରୀ ନୀଳମଣି ଉଚ୍ଚବିଦ୍ୟାଳୟ, ନାରାୟଣପୁର ଓ ତଫସିଲଭୁକ୍ତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟ କେ.ସି.ପୁରରେ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ବ୍ରାହ୍ମଣ ସୀତାପୁର ଓ ପାରଳାଖେମୁଣ୍ଡି ମହେନ୍ଦ୍ରଗିରି ପୌରପାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ସ୍କୁଲ ପିଲାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା ସହ ସେମାନଙ୍କ ସୃଜନାତ୍ମକ ଗୁଣର ବିକାଶ ଘଟାଇବା ଥିଲା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଗ୍ରହର ସହ ଏଥିରେ ଅଂଶଗ୍ରହଣ କରି ଗପ, କାହାଣୀ ଓ କୌତୁକ ପରିବେଷଣ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଗଜପତି ଜିଲ୍ଲା ପ୍ରତିନିଧି ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ କବି ବିଚିତ୍ରାନନ୍ଦ ବେବର୍ତ୍ତା, ପ୍ରାବନ୍ଧିକ ବିନୋଦ ଚନ୍ଦ୍ର ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ଆଶାଲତା ପାଣିଗ୍ରାହୀ ଓ ନାଟ୍ୟକାର ବଟକୃଷ୍ଣ ପାତ୍ର ସମସ୍ତ କାର୍ଯ୍ୟରେ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷକ ଓ ସହକାରୀ ବୃନ୍ଦଙ୍କ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମାହିତ ହୋଇଥିଲା ଏବଂ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନଙ୍କୁ ଏ ଅବସରରେ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନ ଦିବସରେ ମହେନ୍ଦ୍ରଗିରି ଉଚ୍ଚବିଦ୍ୟାଳୟର ଛାତ୍ରମାନେ ଗୋଷ୍ଠୀଗତ ଭାବେ କୌତୁକିଆ କଥା ପରିବେଷଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏପରି ସୃଜନାତ୍ମକ କାର୍ଯ୍ୟକ୍ରମ ପ୍ରତି ପିଲାଙ୍କ ଭିତରେଥିବା ଆଗ୍ରହକୁ ଲକ୍ଷ୍ୟ କରି ଏହାର ଧାରାବାହିକତା ରକ୍ଷା କରିବାକୁ ସାଧାରଣରେ ମତ ପ୍ରକାଶ ପାଇଥିଲା।

## ଗୀତିକବିତା ଓ ବ୍ୟଙ୍ଗ କବିତା ସନ୍ଧି

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଗାନ୍ଧୀ ସ୍ମୃତି ଭବନ, ବାଲେଶ୍ୱରଠାରେ ତା ୩୧.୧୨.୨୦୧୪ ରିଖରେ ଗୀତି କବିତା ଓ ବ୍ୟଙ୍ଗ କବିତା ସନ୍ଧି ବିଷୟକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ 'ଗୀତି କବିତା ଓ ବ୍ୟଙ୍ଗ କବିତାରେ ଓଡ଼ିଆ ସାହିତ୍ୟ' ବିଷୟକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ ଡକ୍ଟର ଶିରିଶ ଚନ୍ଦ୍ର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ମୁଖ୍ୟଅତିଥି ଭାବେ ନନ୍ଦ କିଶୋର ସିଂହ ଯୋଗଦେଇ ବ୍ୟଙ୍ଗ କବିତା ମଧ୍ୟ ଗୀତି କବିତାର ଏକ ଅଂଶ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ହୃଷୀକେଶ ମଲ୍ଲିକ ଏହି ସଭାରେ ଯୋଗଦେଇ ପଲ୍ଲୀ ଜୀବନ ଠାରୁ ଆରମ୍ଭ କରି ଆଧୁନିକ ମଣିଷକୁ ବ୍ୟଙ୍ଗ କବିତା ଓ ଗୀତି କବିତା ବେଶ ସ୍ପର୍ଶ କରିଛି ବୋଲି କହିଥିଲେ। ଶ୍ରୀ ସରୋଜ ରଞ୍ଜନ ମହାନ୍ତି ଏଥିରେ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କହିଲେ ଭାଷା ସାହିତ୍ୟ ଏବେ ବିପଦଗ୍ରସ୍ତ ହୋଇପଡ଼ିଛି। ଉପଯୁକ୍ତ ଗବେଷଣା ଅଭାବରୁ ଭଲ ଏବଂ ନିର୍ଭୁଲ ବାକ୍ୟ ସୃଷ୍ଟି କରାଯାଇ ପାରୁନି। ଓଡ଼ିଆ ଭାଷା ରାଷ୍ଟ୍ରୀୟ ମାନ୍ୟତା ପାଇଲେ ମଧ୍ୟ ତାହା କାର୍ଯ୍ୟକାରୀ ନେଇ ସେ ସନ୍ଦେହ ପ୍ରକାଶ କରିଥିଲେ। ଅପରାହ୍ନ ୨.୩୦ ଘଣ୍ଟା ସମୟରେ ଗୀତି କବିତା ଓ ବ୍ୟଙ୍ଗ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏକାଡେମୀର ସଦସ୍ୟ ଡକ୍ଟର ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବିତା ପାଠ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ରାଧୁ ମିଶ୍ର ଯୋଗ ଦେଇଥିଲେ। ଓଟିଭି ଗ୍ରେଟ୍ ଓଡ଼ିଶା ସର୍କସର କଳାକାର ବ୍ରଜ ସୁବୁଦ୍ଧି, ଶ୍ରୀ ସତ୍ୟ, ଶ୍ରୀ ସତ୍ୟବ୍ରତ, ପୂର୍ଣ୍ଣଚନ୍ଦ୍ର ସେଠୀ, ରମାକାନ୍ତ ଦାସ, ପୂର୍ଣ୍ଣେନ୍ଦୁ ଦାସ ମହାପାତ୍ର, ମନୋରଞ୍ଜନ ଦାସ, ବାଇଧର ମାଝୀ, ରାମଚନ୍ଦ୍ର ମାଝୀ, ପଦ୍ମଲୋଚନ ପ୍ରଧାନ, ନିରଞ୍ଜନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ବ୍ୟଙ୍ଗ କବିତା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀପ୍ତି ଦାସ ଓ ଅଧ୍ୟାପକ ଦିଲ୍ଲୀପ ରଥ ସଂଯୋଜନା କରିଥିଲେ। ଶେଷରେ ଅଞ୍ଜନ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରିରେ 'କଥାଘର' କାର୍ଯ୍ୟକ୍ରମ




ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାରେ ଓଡ଼ିଆ ଭାଷା ସଂସ୍କୃତିର ବିକାଶ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଥମଥର କରି ୪ଟି ବିଦ୍ୟାଳୟରେ ଏକାଡେମୀର ସଦସ୍ୟ ଶ୍ରୀ ରତ୍ନାକର ଦାଶଙ୍କ ଉଦ୍ୟମରେ ଦୁଇଦିନ ଧରି 'କଥାଘର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ କୋରୁକୋଣ୍ଡା ବ୍ଲକସ୍ଥ ଆଦିବାସୀ ଅଧ୍ୟୁଷିତ ପିଟାଗେଟା ଉନ୍ନିତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବେଣୁପାଣି ଖାଡ଼ଙ୍ଗା ଓ ମାଲକାନଗିରି ବ୍ଲକସ୍ଥ ଗୌଡ଼ଗୁଡ଼ା ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ନିରୂପମା କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଓ ଦ୍ୱିତୀୟ ଦିବସରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଶ୍ରୀ ରତ୍ନାକର ଦାଶଙ୍କ ଆବାହକତାରେ ଶୁକ୍ରବାର ପୂର୍ବାହ୍ନରେ ଜବାହର ନବୋଦୟ ବିଦ୍ୟାଳୟ ୨ୟ ପରିସରରେ ବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଅଜୟ କୁମାର ପଟ୍ଟନାୟକ ଓ ଅପରାହ୍ନରେ ପୂର୍ବତନ ବୋର୍ଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ସାହିତ୍ୟ ଏକାଡେମୀର 'କଥାଘର' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ କୌତୁକିଆ ପୋଷାକରେ ସଜ୍ଜିତ ହୋଇ ଦେଶାତ୍ମବୋଧକ ସଙ୍ଗୀତଗାନ ସହିତ ନୃତ୍ୟ ପରିବେଷଣ କରିଥିଲେ। ଏହି ଦୁଇଦିନିଆ 'କଥାଘର' କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ତଥା ପ୍ରକୃତି ବନ୍ଧୁ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ନବୋଦୟ ବିଦ୍ୟାଳୟ ଅଧ୍ୟାପକ ବନବିହାରୀ ଦାଶ, ସମ୍ମାନନୀୟ ଅତିଥି ଭାବେ ରାଜ୍ୟପାଳ ପୁରସ୍କୃତ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଭୋଳ, କୋରକୁଣ୍ଡା ବ୍ଲକ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଜୟ କୁମାର ଦାସ, ସାମ୍ବାଦିକ ନୃସିଂହ ଚରଣ ମହାନ୍ତି ଯୋଗଦେଇ ଭାଷା ସଂସ୍କୃତିକୁ ବଞ୍ଚାଇବାକୁ ହେଲେ ପ୍ରଥମେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷାରେ କଥା, ଗପ, କୌତୁକ ମାଧ୍ୟମରେ ଶିକ୍ଷାଦିଆଯାଇ ଜନସଚେତନତା ବୃଦ୍ଧି କରିବା ଦରକାର ବୋଲି ଅଭିଭାଷଣ ରଖିଥିଲେ। ଚାରୋଟି ଯାକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କଥା, ଗପ ଓ କୌତୁକ ପ୍ରତିଯୋଗିତା ହୋଇଥିଲା। କୃତି ପ୍ରତିଯୋଗୀଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶଶିରେଖା ଦାସ, ବେଲାରାଣି ସିଲ, କାଲୁଚରଣ ମହାରଣା, ବାଲରାଜୁ ପାଢ଼ୀ, ପ୍ରତ୍ୟୁଷ ରଞ୍ଜନ ପତି, ବିକାଶ କୁମାର, କ୍ଷିତିଶ କୁମାର ପଣ୍ଡା, ଅବଲୋକଶ୍ରମା, ଅଭିଷେକ ଶ୍ରୀବାସ୍ତବ, ସ୍ନିଗ୍ଧା ପରିଛା, ମମିତା ଦାସ, ରୀତା ସେଠୀ, ମୁକୁଲୟାଦବ, ଲକ୍ଷ୍ମୀଧର ନାୟକ, ମନୋରଞ୍ଜନ ସେଠୀ, ଶିକ୍ଷୟିତ୍ରୀ ସୁଚିତ୍ରା ବାରିକ, ମଞ୍ଜୁଲତା ଦେଇ, ପିଟାଗେଟା ବିଦ୍ୟାଳୟର ଶିକ୍ଷକ କାଲୁଚରଣ ମହାରଣା, ଭିମାକବାସି, ଶିକ୍ଷୟିତ୍ରୀ ଅନିମା ବିଶ୍ୱାସ, ରୁନୁମାଡ଼କିମା, ସରିତା ସୋଡ଼ିଙ୍କ ସହିତ ବିଦ୍ୟାଳୟ କମିଟି ସଭାପତି ଶିକ୍ଷକ ଶିକ୍ଷୟିତ୍ରୀ ଅଭିଭାବକ ଓ ଶତାଧିକ ଛାତ୍ରଛାତ୍ରୀମାନେ 'କଥାଘର' ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ଶିକ୍ଷକ ବାଲରାଜ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୯.୧୨.୧୪ ରିଖ ଅପରାହ୍ନ ୪ ଘଟିକାରେ ଜିଲ୍ଲା ସଂସ୍କୃତି ଭବନ,ଭଦ୍ରକ ଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଇଂ ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକର ଜିଲ୍ଲାପାଳ ଲକ୍ଷ୍ମୀନାରାୟଣ ମିଶ୍ର ଉଦ୍‌ଘାଟକ ତଥା ମୁଖ୍ୟଅତିଥି, ଡକ୍ଟର ନାରାୟଣ ସେନାପତି ମୁଖ୍ୟବକ୍ତା ଓ ଶ୍ରୀ ନିହାର ରଞ୍ଜନ କର ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ପ୍ରଥିତ ଯଶା ଓ ପ୍ରତିଭାଦୀପ୍ତ ସାରସ୍ୱତ ସାଧକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଆମ ଜାତିର ନମସ୍ୟ। ପବିତ୍ର ଉତ୍କଳ ମାଟିର ଉଦ୍‌ବୋଧନୀ ସଙ୍ଗୀତ "ବନ୍ଦେ ଉତ୍କଳ ଜନନୀ"ର ସ୍ରଷ୍ଟା ଓ ଜଣେ ସମାଜ ସଂସ୍କାରକ ଭାବେ ନାନା ଅନ୍ଧବିଶ୍ୱାସ, କୁସଂସ୍କାର ଦୂରୀକରଣ, ନାରୀ ଜାଗରଣ, କୃଷି ଓ କୁଟୀରଶିଳ୍ପର ବିକାଶ ଓ ସମାଜର ଅର୍ଥନୈତିକ ଅଭିବୃଦ୍ଧିଭଳି କଲ୍ୟାଣକର କାର୍ଯ୍ୟରେ ଲେଖନୀ ଚାଳନା କରିଥିବା ଏହି କବିଙ୍କୁ ଓଡ଼ିଆ ଜାତି ଯୁଗ ଯୁଗ ଧରି ମନେ ରଖିବ। ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଶେଷରେ ଏକାଡେମୀର ସହସଚିବ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବହଳୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକକବି ଜଗନ୍ନାଥ ପାଣି ସାହିତ୍ୟ ସନ୍ଧ୍ୟା




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଜଗନ୍ନାଥ ପାଣି ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥ ୟୁନିଟ୍-୯ ଲୋହିଆ ଏକାଡେମୀ ସଭାଗୃହରେ ତା ୧୧.୧୨.୧୪ ରିଖ ସନ୍ଧ୍ୟା ୫.୩୦ ଘଣ୍ଟାରେ ଲୋକକବି ଜଗନ୍ନାଥ ପାଣି ସାହିତ୍ୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏହି ସାରସ୍ୱତ ସନ୍ଧ୍ୟା ଆସରରେ ଜଗନ୍ନାଥ ପାଣି ସ୍ମୃତି ସଂସଦର ସଭାପତି ତଥା ମାନ୍ୟବର ବିଧାୟକ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଲେ ସମାଜକୁ ସୁଧାରିବା ଦିଗରେ ଜଗନ୍ନାଥ ପାଣିଙ୍କ ବଳିଷ୍ଠ ଉଦ୍ୟମ ରହିଥିଲା। ସେ ନାଟକ ମାଧ୍ୟମରେ ଏହି ପ୍ରଚେଷ୍ଟା ଜାରି ରଖିଥିଲେ । ଆଗାମୀ ପିଢ଼ି ଏଥିରୁ ଅନୁପ୍ରାଣିତ ହେବା ଉଚିତ । ସେ ପୁଣି କହିଲେ ଆଜିର ଯୁବପିଢ଼ୀ ଓଡ଼ିଶାର ପୂର୍ବ ଐତିହ୍ୟ ସମ୍ପର୍କରେ ଜାଣିବାକୁ ଇଚ୍ଛୁକ ନୁହଁନ୍ତି । ସେମାନଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଇଂ ଚନ୍ଦ୍ରଶେଖର ନନ୍ଦ ଲୋକକବିଙ୍କୁ ଛଳ ନାଟକର ପ୍ରବର୍ତ୍ତକ ବୋଲି ଅଭିହିତ କରିଥିଲେ। ଯେ ପର୍ଯ୍ୟନ୍ତ ଓଡ଼ିଆ ନାଟକ ବଞ୍ଚିଛି ଜଗନ୍ନାଥ ପାଣି ସେ ପର୍ଯ୍ୟନ୍ତ ନାଟକର ପଥ ପ୍ରଦର୍ଶକ କରୁଥିବେ ବୋଲି ଶ୍ରୀ ନନ୍ଦ କହିଥିଲେ। ସମ୍ମାନନୀୟ ଅତିଥି ସାହିତ୍ୟିକ ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ ଏହି ସଭାରେ ଲୋକ କବିଙ୍କ ସ୍ମୃତି ଚାରଣ କରିଥିଲେ। ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ ଓ ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଏକାଡେମୀର ପ୍ରଡକ୍ସନ ଅଫିସର ଶ୍ରୀ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।



## ଶ୍ରୀଜଗନ୍ନାଥାୟନ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୧୦.୧୪ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପ୍ରବଚକ ନିକୁଞ୍ଜ ବିହାରୀ ଦାସ, ତା ୩୦.୧୧.୧୪ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରବୀନ୍ଦ୍ରନାରାୟଣ ମିଶ୍ର ଏବଂ ତା ୩୧.୧୨.୧୪ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦାଶରଥି ସାମନ୍ତରାୟ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ନାଟ୍ୟକାର ପ୍ରାଣବନ୍ଧୁ ଥିଲେ ଏକ ଅସାଧାରଣ ପ୍ରତିଭା




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ନାଟ୍ୟକାର ପ୍ରାଣବନ୍ଧୁ କର ଜନ୍ମ ଶତବାର୍ଷିକୀ ସମାରୋହ ଭୁବନେଶ୍ୱରସ୍ଥ ରେଡ଼କ୍ରସ ଭବନ ସଭାକକ୍ଷଠାରେ ତା ୨୬.୧୦.୧୪ ରିଖ ପୂର୍ବାହ୍ନ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ନାଟ୍ୟକାର ଶ୍ରୀ ବିଜୟ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଲେ ପ୍ରାଣବନ୍ଧୁଙ୍କ ସହ ମୋର ସମ୍ପର୍କ ଖୁବ୍ ନିବିଡ଼ । ତାଙ୍କ ସହ କାମ କରି ଅନେକ କିଛି ଶିଖିଛି ଯାହା ଜୀବନରେ କେବେ ଭୁଲି ହେବ ନାହିଁ । ପ୍ରାଣବନ୍ଧୁ ଥିଲେ ଜଣେ ଅସାଧାରଣ ପ୍ରତିଭା । ତାଙ୍କର ନାଟକଗୁଡ଼ିକ ପାଇଁ ସେ ଥିଲେ ସ୍ୱତନ୍ତ୍ର ଏବଂ ଅନନ୍ୟ । ଏହି ସଭାର ସମ୍ମାନନୀୟ ଅତିଥି ଭାବେ ଶ୍ରୀମୟ କର ଓ ସମ୍ମାନନୀୟ ଆଲୋଚକଭାବେ ଡକ୍ଟର ଲାବଣ୍ୟ ନାୟକ, ଡକ୍ଟର ବିଜୟ କୁମାର ଶତପଥୀ ଏବଂ ଡକ୍ଟର ସଂଘମିତ୍ରା ମିଶ୍ର ଯୋଗଦାନ କରି କହିଲେ ପ୍ରାଣବନ୍ଧୁଙ୍କ ଅଧିକାଂଶ ଗଳ୍ପରେ ଶେଷ ପର୍ଯ୍ୟନ୍ତ ସସ୍‌ପେନ୍ସ ଥାଏ ଯାହା ଗାଳ୍ପିକ ଓ ଗଳ୍ପର ବାହାଦୁରିକୁ ପ୍ରତିପାଦିତ କରିଥାଏ । ବିଭିନ୍ନ ପ୍ରକାରର ବାର୍ତ୍ତା ଏବଂ ବିଷୟବସ୍ତୁକୁ ନେଇ ପ୍ରାଣବନ୍ଧୁ ଗଳ୍ପ ରଚନା କରିଯାଇଛନ୍ତି । ବିଶେଷ କରି ଆବେଦନ ସୃଷ୍ଟିକାରୀ ସାହିତ୍ୟ ସୃଷ୍ଟି କରିବାରେ ସେ ଥିଲେ ଆଗରେ । ଶ୍ରୀ କରଙ୍କ ଗଳ୍ପରେ ଇତର ଏବଂ ସମ୍ଭ୍ରାନ୍ତ ଶ୍ରେଣୀୟ ଦୁଇ ପ୍ରକାରର ଭାଷା ଦେଖିବାକୁ ମିଳେ । ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଅଧିକ କାଳ ସାରସ୍ୱତ ସାଧନାରେ ନିମଗ୍ନ ରହି ନାଟ୍ୟକାର ଶ୍ରୀ କର ଅନେକ ଯୁଗୋପଯୋଗୀ ସଂସ୍କାର ଧର୍ମୀ ନାଟକ, ପଚାଶରୁ ଉର୍ଦ୍ଧ୍ୱ ଏକାଙ୍କିକା ଓ କେତେକ ଲୋକପ୍ରିୟ ବେତାର ନାଟକ ସହିତ ବିପୁଳ ପରିମାଣର ଗଳ୍ପ ସୃଷ୍ଟି କରିଯାଇଛନ୍ତି ଯାହା ସାରସ୍ୱତ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଛି । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ସମାରୋହରେ ପ୍ରାଣବନ୍ଧୁଙ୍କ ଲିଖିତ 'ସୁଅ ମୁହଁରେ ପତର' ଗଳ୍ପକୁ ସାହିତ୍ୟିକ ଅଜୟ କୁମାର ସ୍ୱାଇଁ ପଢ଼ି ଶୁଣାଇଥିଲେ । ଏ ଅବସରରେ ଏକାଡେମୀ ଦ୍ୱାରା ପ୍ରକାଶିତ 'ଶ୍ରେଷ୍ଠ କବିତା (ଉତ୍ତର ପର୍ବ-୨୦୧୪)' ପୁସ୍ତକଟି ଉନ୍ମୋଚିତ ହୋଇଥିଲା । ଶେଷରେ ଏକାଡେମୀର ଉପସଭାପତି ଶ୍ରୀ ଗିରି ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଡକ୍ଟର ଶ୍ରଦ୍ଧାକର ସୂପକାର ଜନ୍ମ ଶତବାର୍ଷିକୀ ଉତ୍ସବ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଡକ୍ଟର ଶ୍ରଦ୍ଧାକର ସୂପକାରଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଓ ଜିଲ୍ଲାସ୍ତରୀୟ କବିତା ଆସର ସମ୍ବଲପୁରସ୍ଥ ନାରୀସେବା ସଦନଠାରେ ତା ୨୩.୧୨.୧୪ ରିଖରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଦିନ ପୂର୍ବାହ୍ନ ୧୦.୪୫ ଘଟିକାରେ ଅନୁଷ୍ଠିତ ଉଦ୍‌ଘାଟନ ଉତ୍ସବରେ ଏକାଡେମୀର ସଭାପତି ଶ୍ରୀ ସାତକଡ଼ି ହୋତା ପୌରୋହିତ୍ୟ କରିଥିଲେ । ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ଉମାଶଙ୍କର ପଣ୍ଡା ଏହି ଅଧିବେଶନରେ ଯୋଗଦାନ କରି ଡକ୍ଟର ସୂପକାରଙ୍କୁ ଅସାଧାରଣ ବ୍ୟକ୍ତି ବୋଲି ଚିତ୍ରଣ କରିଥିଲେ । ସେ ଥିଲେ ସାହିତ୍ୟର ଜଣେ ଅସଲି ସେବକ, ଶ୍ରେଷ୍ଠ ରାଜନେତା ଏବଂ ସଚ୍ଚା ସମାଜସେବୀ । ଏଭଳି ସଚ୍ଚୋଟ ବ୍ୟକ୍ତିଙ୍କୁ ଲୋକେ ହୃଦୟରୁ ଶ୍ରଦ୍ଧା କରୁଥିଲେ । ମୁଖ୍ୟଅତିଥି ଇଂ କରୁଣାକର ସୂପକାର ତାଙ୍କ ବକ୍ତବ୍ୟରେ କହିଲେ, ଶ୍ରଦ୍ଧାକର ସୂପକାର ଥିଲେ ଶ୍ରେଷ୍ଠ ବ୍ୟକ୍ତି । ଜୀବିତ ଅବସ୍ଥାରେ ତାଙ୍କୁ ଠିକ୍ ସମ୍ମାନ ମିଳିନଥିଲା ବୋଲି ମତଦେଇ ସେ କ୍ଷୋଭ ପ୍ରକାଶ କରିଥିଲେ । ସମ୍ମାନନୀୟ ଅତିଥି ଭାଗବତ ପ୍ରସାଦ ନନ୍ଦ କହିଲେ, ସମ୍ବଲପୁର ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ଏବଂ ସମ୍ମାନ ସୃଷ୍ଟି କରିଥିବା ବ୍ୟକ୍ତି ହେଲେ ଡକ୍ଟର ସୂପକାର । ସେ ରାଜନୀତିରେ ଥାଇ ମଧ୍ୟ ସ୍ୱଚ୍ଛ ଥିଲେ । ତାଙ୍କ ସରଳ ଜୀବନ ସମସ୍ତଙ୍କୁ ଏଯାଏ ଆକର୍ଷିତ କରିପାରିଛି ବୋଲି ଶ୍ରୀ ନନ୍ଦ କହିଥିଲେ । ସମ୍ମାନନୀୟ ବକ୍ତା ଗଣେଶ ରାମ ନାହାକ କହିଲେ ଡକ୍ଟର ସୂପକାରଙ୍କ ଅନେକ ଲେଖା ବିକ୍ଷିପ୍ତ ହୋଇପଡ଼ିଛି । ଏହାକୁ ଖୋଜି ବାହାର କରିବା ସମସ୍ତଙ୍କର ଦାୟିତ୍ୱ । ଏକାଡେମୀର ସଭାପତି ଶ୍ରୀ ହୋତା ତାଙ୍କ ବକ୍ତବ୍ୟରେ ଡକ୍ଟର ସୂପକାରଙ୍କୁ ଜଣେ ଭିନ୍ନ ପ୍ରକାରର ଜନସେବୀ ବୋଲି ଅଭିହିତ କରିଥିଲେ । ଓଡ଼ିଆ ସାହିତ୍ୟକୁ ଉନ୍ନତ କରିବାରେ ଡକ୍ଟର ସୂପକାରଙ୍କ ଅବଦାନ ଅତୁଳନୀୟ ବୋଲି ଶ୍ରୀ ହୋତା ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଏକାଡେମୀର ସଚିବ ଶ୍ରୀ ବିଷ୍ଣୁ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅପରାହ୍ନ ୧୨.୧୫ ଘଣ୍ଟା ସମୟରେ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଏକାଡେମୀର ଉପସଭାପତି ଶ୍ରୀ ଗିରି ଦଣ୍ଡସେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଡକ୍ଟର ଶ୍ୟାମ ଭୋଇ 'ଡକ୍ଟର ଶ୍ରଦ୍ଧାକର ସୂପକାର: କୃତି ଓ କୃତିତ୍ୱ' ବିଷୟ ପ୍ରବନ୍ଧ ପାଠ କରିଥିଲେ । ସମ୍ମାନନୀୟ ଆଲୋଚକ ଭାବେ ଡକ୍ଟର ଶ୍ୟାମ ସୁନ୍ଦର ଧର ଓ ଡକ୍ଟର କୃଷ୍ଣ ଚନ୍ଦ୍ର ପ୍ରଧାନ ଯୋଗଦାନ କରି ପଠିତ ପ୍ରବନ୍ଧ ଉପରେ ବିଶେଷ ଆଲୋଚନା କରିଥିଲେ । ଅବସର ପ୍ରାପ୍ତ ଶିକ୍ଷା ପ୍ରଶାସକ ଶ୍ରୀ ଅରବିନ୍ଦ ମହାପାତ୍ର ଏହି ଆଲୋଚନା କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ । ଅପରାହ୍ନ ୨.୩୦ ଘଣ୍ଟାରେ ଡକ୍ଟର ଗିରିଜା ଶଙ୍କର ଶର୍ମାଙ୍କ ପୌରୋହିତ୍ୟରେ ଜିଲ୍ଲାସ୍ତରୀୟ କବିତା ପାଠ ଅନୁଷ୍ଠିତ ହୋଇଥିଲା । ପ୍ରଫେସର କାଳିଦାସ ମିଶ୍ର ଏଥିରେ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ । ଡକ୍ଟର ସିଦ୍ଧାର୍ଥ ପଣ୍ଡା ଓ ରୀତା ରାଣୀ ମିଶ୍ର କବିତାଗୁଡ଼ିକ ସଂଯୋଜନା କରିଥିଲେ ।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:orissasahityaakademi@rediffmail.com
ୱେବସାଇଟ୍:www.orissasahityaakademi.org

ସମ୍ପାଦନା :
ସୁଶାନ୍ତ କୁମାର ନାୟକ
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଓଡ଼ିଶା ପ୍ରିଣ୍ଟିଂ ୱାର୍କ୍ସ, କଟକ-୨